# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**29 November – 2025**

## ମାଓ-ନିର୍ଦ୍ଦେଶାବଳୀ

କେନ୍ଦ୍ର ସରକାର ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ଏହି କ୍ରମରେ ରାଜ୍ୟ ସରକାର ମାଓବାଦୀମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନୂଆ ନିର୍ଦ୍ଦେଶାବଳୀ ଆଣିଛନ୍ତି । ଏଥିରେ ଆତ୍ମସମର୍ପଣ କଲେ ପୂର୍ବାପେକ୍ଷା ଅଧିକ ଅର୍ଥରାଶି ମିଳିବା ସହ ଲାଭଦାୟକ ନିଯୁକ୍ତି ଓ ଉଦ୍ୟୋଗୀ ହେବାର ସୁଯୋଗ ଦିଆଯିବ ବୋଲି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ବିଜ୍ଞପ୍ତି ଅନୁସାରେ, ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ ଆତ୍ମସମର୍ପଣ କଲେ ୧ କୋଟି ୨୦ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯିବ । ରାଜ୍ୟ ମାଓବାଦୀ କମିଟିର ସଦସ୍ୟ ଆତ୍ମସମର୍ପଣ କଲେ ୬୫ ଲକ୍ଷ ଟଙ୍କା, ଆଞ୍ଚଳିକ କମିଟି ସଦସ୍ୟଙ୍କ କ୍ଷେତ୍ରରେ ୩୩ ଲକ୍ଷ ଟଙ୍କା ଏବଂ ଡିଭିଜନାଲ କମିଟି ସଦସ୍ୟଙ୍କୁ ୨୨ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ ବୋଲି ଜଣାପଡ଼ିଛି । ରାଜ୍ୟ ମାଓବାଦୀ ବିରୋଧୀ ଅପରେସନ ଏଡିଜି ସଂଜୀବ ପଣ୍ଡା ବନ୍ଧୁକ ଛାଡ଼ି ପୁଲିସ୍ ନିକଟରେ ଆତ୍ମସମର୍ପଣ କରିବା ପାଇଁ ମାଓବାଦୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ବିଧାନସଭା-ମୁଲତବୀ ଆଲୋଚନା

ବିଧାନସଭାରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ମୁଲତବୀ ଆଲୋଚନା ହୋଇଛି । ଗୃହରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ସରକାରଙ୍କ ଶୂନ୍ୟସହନଶୀଳ ନୀତି ଯୋଗୁଁ ମହିଳା ଅପରାଧ ସଂପର୍କିତ ମାମଲା ହ୍ରାସ ପାଉଛି । ନୂତନ ସରକାର ଆସିବା ପରେ ୯ ହଜାରରୁ ଊର୍ଦ୍ଧ୍ୱ ପୋଲିସ୍ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ସମସ୍ତ ଥାନାରେ ମହିଳା ଶିଶୁ ଡେସ୍କ ଓ ପୋକ୍‌ସୋ କୋର୍ଟ କାର୍ଯ୍ୟକାରୀ ହୋଇଛି । ଆଗାମୀ ଦିନରେ ରାଜ୍ୟରେ ୨୧ଟି ଫାଷ୍ଟ୍‌ଟ୍ରାକ୍ କୋର୍ଟ ଖୋଲାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ଆସ ସ୍କୁଲ୍ ଯିବା

ରାଜ୍ୟ ସରକାରଙ୍କ "ଆସ ସ୍କୁଲ୍ ଯିବା" ଅଭିଯାନରେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ୍‌କୁ ଫେରାଇ ଆଣିବାକୁ ପ୍ରୟାସ କରାଯାଉଛି ବୋଲି ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ମନ୍ତ୍ରୀ କହିଛନ୍ତି, ୧ଲକ୍ଷ ୮୩ ହଜାର ୨୧୬ ଜଣଙ୍କ ମଧ୍ୟରୁ ୬୦ ହଜାର ୭୨୯ ଜଣ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍‌କୁ ଫେରାଇ ଅଣାଯାଇଛି । ସିଏମ୍. ପୋଷଣ ଯୋଜନାରେ ୧୦ଲକ୍ଷ ୮୦ ହଜାର ପିଲାଙ୍କୁ ଖାଦ୍ୟ ଯୋଗାଇ ଦିଆଯାଉଛି । ଆଗାମୀ ଦିନରେ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ୧ ହଜାର ୫ଶହ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ବିଲ୍

ବିଧାନସଭାରେ ଗତକାଲି ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ଅଧ୍ୟାଦେଶ-୨୦୨୫କୁ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଆଗତ କରିଛନ୍ତି । ପରବର୍ତ୍ତୀ ସମୟରେ ଗୃହରେ ଏହାକୁ ବିଲ୍ ଆକାରରେ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

## ବୈଠକ

ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଅଧ୍ୟକ୍ଷତାରେ ଗଞ୍ଜାମ ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବେଆଇନ ଭାବେ ଖଣିଜ ସାମଗ୍ରୀର ଚୋରା ଚାଲାଣ ରୋକିବା, ଭୂମିହୀନ ପରିବାରକୁ ଚିହ୍ନଟ କରି ଜମି ଯୋଗାଇଦେବା, ଅଣବନ୍ଦୋବସ୍ତ ଜମିକୁ ବନ୍ଦୋବସ୍ତ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଶିକ୍ଷଣ

ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନସ୍ଥ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଭୁବନେଶ୍ୱରରେ ଆୟୋଜିତ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଷୟର ୯୦ଜଣ ପିଜିଟି ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ଏଥିରେ ସେମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ।

# ପ୍ରକଳ୍ପ ପ୍ରଦର୍ଶନୀ

ବ୍ରହ୍ମପୁରସ୍ଥିତ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟରେ  ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବର୍ଜ୍ୟବସ୍ତୁକୁ ଉପଯୋଗ କରି ଛାତ୍ରଛାତ୍ରୀମାନେ ୧୪ଟି ପ୍ରକଳ୍ପ ପ୍ରସ୍ତୁତ କରିବା ସହ ସେ ସବୁର ନମୁନାପ୍ରଦର୍ଶନ କରିଥିଲେ ।

# ସାଂସ୍କୃତିକ ସମାରୋହ

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର କୋଲକାତା ଆନୁକୂଲ୍ୟରେ ୨ ଦିନିଆ ଅମୃତକାଳ ସାଂସ୍କୃତିକ ସମାରୋହ ରାୟଗଡ଼ାର ବିଜୁପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର  କଳାକାର ଗୋଷ୍ଠୀ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ ।

## ସାଂସ୍କୃତିକ ପ୍ରତିଯୋଗିତା

ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ବିଭାଗ ସାଂସ୍କୃତିକ ସଂଗଠନ ପକ୍ଷରୁ ରେଲୱେ କଲ୍ୟାଣ ମଣ୍ଡପଠାରେ ଆନ୍ତଃ ରେଳମଣ୍ଡଳ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ୍, ସମ୍ବଲପୁର ଓ ୱାଲ୍‌ଟିୟର ରେଳମଣ୍ଡଳର ସାଂସ୍କୃତିକ ଦଳ ସହିତ ରେଳପଥ ମୁଖ୍ୟାଳୟ ଏବଂ ମଞ୍ଚେଶ୍ୱର ରେଳ ଡବା ମରାମତି କାରଖାନାର ସାଂସ୍କୃତିକ ଦଳଗୁଡ଼ିକ ଗ୍ରହଣ କରିଥିଲେ ।

## ଭାରୋତ୍ତଳନ

କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳର ଅସ୍ମିତା ଜୋନାଲ୍ ଭାରୋତ୍ତଳନ ପ୍ରତିଯୋଗିତାରେ ଓଡ଼ିଶା ମୋଟ୍ ୧୨ଟି ପଦକ ଜିତିଛି । ଏଥିରେ ୨ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ରହିଛି । ୫୮ କେଜି ବର୍ଗରେ ଅଙ୍କିତା ପ୍ରଧାନ ଏବଂ ୬୯ କେଜି ବର୍ଗରେ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ।

## ଶୀତ କମିବ

ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗତକାଲି ୫ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଥିଲା । ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ରାତି ତାପମାତ୍ରା ୮ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ତେବେ ଆଜିଠାରୁ ରାଜ୍ୟରେ ଶୀତର ପ୍ରଭାବ ହ୍ରାସ

ପାଇବ । ଆସନ୍ତା ୪ ଦିନ ପର୍ଯ୍ୟନ୍ତ  ରାତି ତାପମାତା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।